ଓଡ଼ିଶା ସରକାର

୧୯୭୭-୭୮ ମସିହାର
ସାମୟିକ ଖର୍ଚ୍ଚଦାବୀ ଅନୁମୋଦନ ପ୍ରସ୍ତାବ ଆଗତ କର
ଅର୍ଥମନ୍ତ୍ରୀ ଡା: ରାମ ପ୍ରସାଦ ମିଶ୍ରଙ୍କର
ଓଡ଼ିଶା ବିଧାନସଭାରେ ବକ୍ତୃତ
ତା ୨୨-୭-୧୯୭୭

STATEMENT BY

**DR. RAM PRASAD MISHRA**

***Minister of Finance***

***While moving motion for***

***Vote-on-Account for the year 1977-78***

***in the Orissa Legislative Assembly***

***22-7-1977***

## ୧୯୭୭-୭୮ ମସିହାର
## ସାମୟିକ ଖର୍ଚ୍ଚଦାବୀ ଅନୁମୋଦନ ପ୍ରସ୍ତାବ ଆଗତ କରି
## ଅର୍ଥମନ୍ତ୍ରୀ ଡାଃ ରାମ ପ୍ରସାଦ ମିଶ୍ରଙ୍କର
## ଓଡ଼ିଶା ବିଧାନସଭାରେ ବକ୍ତୃତା
## ତା ୨୨-୭-୧୯୭୭

ମହାଶୟ,

ଆପଣଙ୍କ ଅନୁମତିକ୍ରମେ ୧୯୭୭ ମସିହା ମାର୍ଚ୍ଚ ମାସରେ ଆଗତ କରାଯାଇଥିବା ବଜେଟ୍ ଅଟକଳକୁ ଭିତ୍ତିକରି ରାଜ୍ୟ ସରକାରଙ୍କର କାର୍ଯ୍ୟକ୍ରମ-ଗୁଡ଼ିକୁ ୧୯୭୭ ମସିହା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଚାଲୁ ରଖିବା ନିମନ୍ତେ ମୁଁ ଏକ ସାମୟିକ ଖର୍ଚ୍ଚଦାବୀ (Vote on account) ଅନୁମୋଦନ ଲାଗି ପ୍ରସ୍ତାବ ଆଗତ କରୁଅଛି । ଆଜି ସେହି ପ୍ରସଙ୍ଗରେ ଉକ୍ତ ବଜେଟ୍ ଅଟକଳର ଏକ ସଂକ୍ଷିପ୍ତ ବିବରଣୀ ମଧ୍ୟ ମାନ୍ୟବର ସଦସ୍ୟମାନଙ୍କର ଅବଗତି ନିମନ୍ତେ ଦିଆହୋଇଅଛି ।

୨ । ୧୯୭୭ ମସିହା ମାର୍ଚ୍ଚ ମାସରେ ପୂର୍ବତନ ସରକାର ବଜେଟ ଅଟକଳ ଉପସ୍ଥାପିତ କରିଥିଲେହେଁ, ପୂରାବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ନିମନ୍ତେ ନିର୍ଦ୍ଧାରିତ କାର୍ଯ୍ୟବିଧି ସଂପୂର୍ଣ୍ଣ କରିପାରି ନଥିଲେ । ସମୁଦାୟ ବର୍ଷର ଖର୍ଚ୍ଚଦାବୀ ଉପରେ ଆଲୋଚନା ଓ ଭୋଟ ଗ୍ରହଣ ହେବା ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟବସ୍ଥାକୁ ଚାଲୁ ରଖିବାପାଇଁ କେବଳ ସାମୟିକ ବ୍ୟୟ ବରାଦର (Vote on account) ମଞ୍ଜୁରୀ ନେଇଥିଲେ । ଉକ୍ତ ମଞ୍ଜୁରୀର ମିଆଦ ୧୯୭୭ ଜୁଲାଇ ୩୧ ତାରିଖରେ ଶେଷ ହୋଇଯିବ । ଇତିମଧ୍ୟରେ ରାଜ୍ୟ ଅର୍ଥନୀତିର ପୁନର୍ଗଠନ ଓ ଉନ୍ନତି ବିଧାନ କରିବା ସମେତ ଜନସାଧାରଣଙ୍କ ଜୀବନଧାରଣର ମାନ ଅଭିବୃଦ୍ଧି ନିମନ୍ତେ ଓଡ଼ିଶାର ଜନସାଧାରଣ ନିଜର ଗଣତାନ୍ତ୍ରିକ କ୍ଷମତା ପ୍ରୟୋଗକରି ଆମ୍ଭମାନଙ୍କୁ ବିପୁଳ ସମର୍ଥନ ଜଣାଇ ସେମାନଙ୍କର ରାୟ ଦେଇଛନ୍ତି । ଏହି କଠିନ କାର୍ଯ୍ୟ ସଂପାଦନ କରିବା ଦିଗରେ ବଜେଟ ହେଉଛି ଏକ ମୁଖ୍ୟ ଅବଲମ୍ବନ । ମାତ୍ର ସମୟର ସ୍ୱଳ୍ପତା ଦୃଷ୍ଟିରୁ ନୂତନ ସରକାରଙ୍କର କାର୍ଯ୍ୟକ୍ରମ ଓ ନୀତି ଅନୁଯାୟୀ

ଏକ ପରିବର୍ତ୍ତିତ ପୂର୍ଣ୍ଣାଙ୍ଗ ବଜେଟ୍ ଚଳିତ ମାସ ୩୧ ତାରିଖ ମଧ୍ୟରେ ପ୍ରସ୍ତୁତ କରି ଉପସ୍ଥାପିତ କରିବା ସମ୍ଭବ ନୁହେଁ । ଏଣୁ ଆମ୍ଭେମାନେ ପୁନଃଶ୍ଚ ଦୁଇ ମାସ ନିମନ୍ତେ ଏକ ନୂତନ ସାମୟିକ ବ୍ୟୟ ଦାବୀ ପ୍ରସ୍ତାବର ଅନୁମୋଦନ ଆବଶ୍ୟକ ମନେ କରୁଛୁ । ଏହା ଫଳରେ ସରକାର ଚଳିତ ଆର୍ଥିକ ବର୍ଷର ଅନ୍ତତଃ ପ୍ରଥମାର୍ଦ୍ଧ ପାଇଁ ଖର୍ଚ୍ଚ ତୁଲାଇ ପାରିବେ । ଇତ୍ୟବସରରେ ଏକ ପରିବର୍ତ୍ତିତ ବଜେଟ୍ ଯେତେଶୀଘ୍ର ସମ୍ଭବ ଉପସ୍ଥାପିତ କରିବା ନିମନ୍ତେ ଆମ୍ଭେମାନେ ଏକାନ୍ତ ଉଦ୍ୟମ କରୁଛୁ । ପରିବର୍ତ୍ତିତ ବଜେଟ୍‌ରେ ଆମ ସରକାରଙ୍କ ଆଭିମୁଖ୍ୟ ପ୍ରତିଫଳିତ ହେବ ଏବଂ ବର୍ଷର ଅବଶିଷ୍ଟ ସମୟ ମଧ୍ୟରେ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ରୂପାୟିତ କରିବାପାଇଁ ପ୍ରସ୍ତାବମାନ ରଖାଯିବ ।

୩ । ଆଜି ସଭା ଗୃହରେ ଯେଉଁ ବଜେଟ୍ ଅଟକଳ ଆଲୋଚନା କରାଯାଉଛି, ତାହା ପୂର୍ବତନ ସରକାରଙ୍କ ନିର୍ଦ୍ଦେଶ ମତେ ପ୍ରସ୍ତୁତ ହୋଇଥିବାରୁ ବର୍ତ୍ତମାନ ସରକାରଙ୍କ ନୀତି ପ୍ରତିଫଳିତ କରୁ ନାହିଁ । ଏହି ବଜେଟ୍ ଅଟକଳ ଇତିମଧ୍ୟରେ ତାର ଭାରସାମ୍ୟ ମଧ୍ୟ ହରାଇସାରିଛି । ପ୍ରାଥମିକ ହିସାବରୁ ଜଣାଯାଏ ଯେ, ଚଳିତ ବର୍ଷର ପ୍ରାରମ୍ଭିକ ନିଅଣ୍ଟ ଜମା ବଜେଟ୍‌ରେ ୭·୭ କୋଟି ଟଙ୍କା ହେବ ବୋଲି ଦର୍ଶାଯାଇଥିବା ସ୍ଥଳେ ପ୍ରକୃତ ପକ୍ଷେ ତାହା ୨୬·୪ କୋଟି ଟଙ୍କା ହୋଇଛି । ଏଣୁ ଚଳିତ ବର୍ଷର ପ୍ରକୃତ ପ୍ରାରମ୍ଭିକ ଜମାରେ ପ୍ରାୟ ୧୯ କୋଟି ଟଙ୍କା ଅଧିକ ନିଅଣ୍ଟ ଘଟିଛି । ଏହାଛଡ଼ା ପୂର୍ବତନ ସରକାରଙ୍କ ଦ୍ୱାରା ଘୋଷିତ ବଜେଟ୍‌ପରବର୍ତ୍ତୀ ବ୍ୟୟ ଓ ରିହାତି ପ୍ରସ୍ତାବମାନ ଏବଂ ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ସମୟୋପଯୋଗୀ ପଦକ୍ଷେପର ଅଭାବ ହେତୁ ସାଂପ୍ରତିକ ପରିସ୍ଥିତିରେ ଆହୁରି ଅବନତି ଘଟିଛି । ଫଳତଃ ୧୯୭୭-୭୮ ବର୍ଷ ପାଇଁ ୧୫୦ କୋଟି ଟଙ୍କାର ବ୍ୟୟ ବାବଦରେ ଅନୁମୋଦିତ ବାର୍ଷିକ ଯୋଜନାର ସମ୍ବଳ ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇଛି । ପୂର୍ବତନ ସରକାରଙ୍କ ଦ୍ୱାରା ସୃଷ୍ଟ ଏସବୁ ଗୁରୁତର ଅସୁବିଧା ସତ୍ତ୍ୱେ ଅର୍ଥନୈତିକ ପୁନର୍ଗଠନ ଓ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ତ୍ୱରାନ୍ୱିତ କରିବା ଲାଗି ଆମ୍ଭେମାନେ ସଂକଳ୍ପବଦ୍ଧ ।

୪ । ବର୍ତ୍ତମାନ ଆମ୍ଭେମାନେ ଯୋଜନାର ଆବଶ୍ୟକତା ମେଣ୍ଟାଇବା ପାଇଁ ସମ୍ବଳ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଅଣଯୋଜନା ବାବଦଖର୍ଚ୍ଚର ସଂକୋଚନ ତଥା ବିକାସ ଓ ଅଣ ବିକାସ ବାବଦ ରାଜସ୍ୱ ଆୟ ବୃଦ୍ଧିର ସମ୍ଭାବନା ସମୀକ୍ଷା କରୁଅଛୁ । ଏହା ଏକ ଦୁରୁହ ବ୍ୟାପାର । ତଥାପି ମୋର ଦୃଢ଼ ବିଶ୍ୱାସ ଯେ, ଆସ୍ଥା, ସଂକଳ୍ପ ଓ ସର୍ବୋପରି ମାନ୍ୟବର ସଦସ୍ୟମାନଙ୍କର ସକ୍ରିୟ ସହଯୋଗ ତଥା ସଦିଚ୍ଛା ବଳରେ ଆମ୍ଭେମାନେ ସୁସ୍ଥ ଆର୍ଥିକ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ ଅବ୍ୟାହତ ଅର୍ଥନୈତିକ ବିକାଶର ଧାରା ପ୍ରସ୍ତୁତ କରିବା ଦିଗରେ ସମର୍ଥ ହୋଇ ପାରିବୁ ।

୫ । ବକ୍ତବ୍ୟ ସାଙ୍ଗ କରିବା ପୂର୍ବରୁ ୭ମ ଅର୍ଥ କମିଶନ ଏବଂ ତାଙ୍କର ବିଚାର୍ଯ୍ୟ ବିଷୟ ସଂପର୍କରେ ହୋଇଥିବା ଘୋଷଣା ପତ୍ର ପ୍ରତି ମୁଁ ଗୃହର ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ ମନେ କରୁଛି । କମିଶନଙ୍କ ବିଚାର ନିମନ୍ତେ ସରକାର ଆର୍ଥିକ କ୍ଷେତ୍ରରେ ରାଜ୍ୟର ଅଭାବ ଅସୁବିଧା ବିଷୟରେ ଏକ ବିଶଦ ସ୍ମାରକ ପତ୍ର ବର୍ତ୍ତମାନ ପ୍ରସ୍ତୁତ କରୁଛନ୍ତି । ଏହି ଅବସରରେ ମୁଁ ଅର୍ଥ କମିଶନଙ୍କଠାରେ ଆମର ଅତୁଟ ଆସ୍ଥା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଆଶା କରୁଛି ଯେ କମିଶନ ଓଡ଼ିଶାଭଳି ଅନଗ୍ରସର ରାଜ୍ୟର ଆଶୁ ବିକାଶ ନିମନ୍ତେ ପ୍ରୟୋଜନୀୟ ଅର୍ଥ ଓ ରାଜ୍ୟର ଆର୍ଥିକ ସାମର୍ଥ୍ୟ ମଧ୍ୟରେ ଥିବା ବ୍ୟବଧାନକୁ ବିଚାରକୁ ନେଇ ଭାରସାମ୍ୟ ରକ୍ଷାକଲା ଭଳି ସଫଳ ବଣ୍ଟନ ନୀତି ନିର୍ଦ୍ଧାରଣ କରିବେ ।

ଜୟହିନ୍ଦ୍

STATEMENT BY

**DR. RAM PRASAD MISHRA**

***Minister of Finance***

***While moving motion for***

***Vote-on-Account for the year 1977-78***

***in the Orissa Legislative Assembly***

***22-7-1977***

Sir,

I rise to move a Motion for a Vote-on-Account to enable the Government to carry on the State's activities till the end of September 1977 on the basis of the Budget presented in March 1977. The estimates before the House to-day are a summarised version of that Budget.

2. The previous Government who presented the Budget estimates in March 1977 could not complete the prescribed procedure for making appropriations for the entire year. They took a Vote-on-Account to carry on administration pending discussion and voting on demands for the whole year. The authorisation under that Vote-on-Account would expire on 31st July, 1977. Meanwhile, the people of Orissa by exercising their democratic rights, have given us a massive mandate to reconstruct and develop the State's economy

and to improve the quality of life of the masses. For the accomplishment of these tasks, the Budget has to be a major instrument. But the time left till 31st of July being short, it is not possible to present before that date a recast Budget consistent with the programmes and policies of the new Government. We have, therefore, found it necessary to seek a fresh Vote-on-Account to cover a further period of two months. This would enable Government to meet public expenditure for approximately the first half of the current financial year. In the meantime, we are making earnest endeavour to present, as early as possible, a recast Budget which would reflect our views and considered proposals for implementation of the Government's policies and programmes during the remaining part of the current year.

3. The estimates contained in theBudget circulated in the House to-day having been prepared under the direction of the previous Government, do not reflect our views. Moreover, the Budget has also meanwhile lost its balance. The preliminary actuals now available show that the opening deficit for the year has turned out to be Rs. 26·4 crores as against Rs. 7·7 crores assumed in the Budget. Thus, the actual opening balance for the year is lower by about Rs. 19 crores. A number of post-Budget expenditure commitments and concessions announced by the

previous Government, coupled with lack of determination to adopt timely additional resource mobilisation measures, have further worsened the situation. As a result, the resource viability of the Annual Plan for 1977-78, with an approved outlay of Rs. 150 crores is seriously threatened. This is the legacy which the previous Government have left for us. Despite these major handicaps, we are determined to accelerate the process of economic reconstruction and development.

4. We are currently engaged in the task of reviewing, in detail the possibilities of economising on non-Plan expenditure, and increasing our receipts from tax and non-tax revenues with a view to matching the resources with our Plan needs. The task is by no means easy. But, given faith, determination and above all active co-operation and goodwill of the Hon'ble Members, I am confident that we shall be able to provide a frame work for sustained economic growth based on sound fiscal management.

5. Before I close, I would invite attention of the House to the constitution of the Seventh Finance Commission and its wide-ranging terms of reference announced recently. Government are now preparing a comprehensive memoranda projecting the State's fiscal needs for consideration of the Commission. I take this opportunity to place on record our implicit

faith in the Finance Commission and hope that the Commission would recommend principles for allocation of resources which would strike a balance between the developmental needs and the financial resources of less developed States like Orissa.

JAI HIND

Printed at Orissa Government Press, Cuttack-10